# ଆମେ ଭାରତର ଶିଶୁ

ଅନ୍ନଦାପ୍ରସାଦ ରକ୍ଷିତ



ଯେ ଦେଶ ପୁଣ୍ୟ ବୁକେ ବହିଯାଏ
ଗଙ୍ଗା-ଯମୁନା ନଈ,
ନୀଳ ପାରାବାର ଗାଏ ଯା'ର ଗୀତ
ଯା ଚରଣ ଛୁଇଁଛୁଇଁ ।
ତୁଷାର- ଶୁଭ୍ର ମୁକୁଟ ଯାହାର
ହିମାଳୟ ଗିରି ନାମେ,
ସେଇ ସେ ପୁଣ୍ୟ ମାଟିରେ ଜନମି
ଧନ୍ୟ ହୋଇଛୁ ଆମେ ।
ଏ ଦେଶ ମାଟିରେ ଗଢ଼ା ଆମ ଦେହ
ଏ ଦେହ ମାଟିରେ ମିଶୁ,
ଏଇ ଭାରତର ସନ୍ତାନ ଆମେ
ଆମେ ଅଗଣିତ ଶିଶୁ ।



ରକ୍ତ କମଳ ସମ
ଏଇ ଦେଶ ବୁକେ ଉଠିଅଛୁଁ ଫୁଟି
ସୁନ୍ଦର ଅନୁପମ ।।
ସୁରଭି ଛୁଟାଇ ଦିଗ ମହକାଇ
ନବ ତରୁ ଶାଖେ ଦୋଳି,
ଏ ଦେଶ କାନନେ ଉଠିଅଛୁଁ ଫୁଟି
ରଙ୍ଗ କୁସୁମ କଳି ।
ମରୁ ପ୍ରାନ୍ତରେ ଛୁଟାଇବୁ ଆମେ ଅମୃତର ବାରିଧାରା,
ନବ ପୁଲକରେ ଭରିଦେବୁ ପ୍ରାଣ ହସାଇ ଜଗତ ସାରା ।



ଆଗାମୀ ଦିନର ସବୁଜ ସ୍ୱପ୍ନ
ସଫଳ କରିବା ପାଇଁ,
ଶତ ସରଗର ଆଶିଷ ଝରାଇ
ଆମେ ଯେ ଆସିଛୁ ଧାଇଁ ।
ମୂକ ମୁଖେ ଦେବୁ ଭାଷା,
ଏ ଦେଶ ଉଷାରେ ମଧୁର କାକଳି
ଲକ୍ଷ ମନର ଆଶା ।



ବନ୍ଧୁର ପଥେ ଆମ ଅଭିଯାନ
ଆମେ ନବ କିଶଳୟ,
ନୀଳ ମେଘ ବୁକେ ଆମେ ବିଦ୍ୟୁତ୍
ତିମିରେ ଆଲୋକମୟ ।
ଏଇ ଭାରତର ସନ୍ତାନ ଆମେ
ଲକ୍ଷ ଶିଶୁର ଦଳ,
ଆଗାମୀ ଦିନର ନବ ସଙ୍କେତ
ମନରେ ଅସୀମ ବଳ ।



ଏ ଦେଶ ମାଟିରେ ଗଢ଼ା ଆମ ଦେହ
ଏ ଦେହ ମାଟିରେ ମିଶୁ,
ଏ ଦେଶ ଜନନୀ ସନ୍ତାନ ଆମେ
ଆମେ ଭାରତର ଶିଶୁ ।
ଉଦୟ ତପନ ସମ,
ଊର୍ଦ୍ଧ୍ୱରେ ଶିର ତୋଳି ଆମେ ଜଳୁଁ
ଜଳିବା ଆମର ଧର୍ମ ।

## କବି ପରିଚୟ

**ଅନ୍ନଦାପ୍ରସାଦ ରକ୍ଷିତ-** ୧୯୨୭ ମସିହା ନଭେମ୍ବର ୫ ତାରିଖରେ କବିଙ୍କର ଜନ୍ମ । ଉପନ୍ୟାସ- 'କେତେ କଣ୍ଟା କେତେ ଫୁଲ' ଓ 'ସ୍ୱର୍ଣ୍ଣରେଣୁ', ଗଳ୍ପଗ୍ରନ୍ଥ- 'କଥନିକା', 'କର୍ଣ୍ଣ-କୁନ୍ତୀ-ଅବଳା', 'ନୀଳ ଆକାଶ ଓ ସବୁଜ ଧରଣୀ' ଏବଂ କବିତା: 'ବଜ୍ର ଓ ବିଦ୍ୟୁତ୍', ଶିଶୁ ସାହିତ୍ୟ : 'କୁମାର ମଞ୍ଚ', 'ଟିମ୍ ଟିମା ଟିମ୍ ଟିମ୍' ପ୍ରଭୃତି କବିତା ଗ୍ରନ୍ଥ ତାଙ୍କର ଅନବଦ୍ୟ ସୃଷ୍ଟି । ୨୦୦୨ ମସିହାରେ କବି ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ଏହି କବିତାର ଆବୃତ୍ତି ପରେ ଶିକ୍ଷାର୍ଥୀମାନଙ୍କୁ ଭାରତର ପ୍ରାଚୀନ ଐତିହ୍ୟ, କିମ୍ବଦନ୍ତୀ, କୀର୍ତ୍ତି, ଗୌରବ, ସ୍ମରଣୀୟ ଘଟଣାବଳୀ ତଥା ଦେଶପ୍ରେମୀ କେତେକ ବ୍ୟକ୍ତିଙ୍କ ସଂପର୍କରେ ଧାରଣା ଦେବେ ।
- ଏହି କବିତାଟି ପଢ଼ାଇବା ସମୟରେ ଶିକ୍ଷକ ଭାରତର ନଦୀ, ସମୁଦ୍ର, ତୀର୍ଥସ୍ଥାନ, ପର୍ଯ୍ୟଟନ ସ୍ଥଳୀ, ବିଭିନ୍ନ ପର୍ବତମାଳା ପ୍ରଭୃତି ସମ୍ପର୍କରେ ଧାରଣା ଦେବେ ।
- ଭାରତର ସ୍ୱାଧୀନତା ସଂଗ୍ରାମ, ଲୋକମାନଙ୍କର ଦେଶପ୍ରେମ, ଦେଶ ପାଇଁ ଆତ୍ମବଳି ଦେଇଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଶିକ୍ଷକ ଧାରଣା ଦେବେ ।
- ଶିକ୍ଷକ ପିଲାମାନଙ୍କୁ ତାଙ୍କ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ ଓ ସହିଦମାନଙ୍କ ସମ୍ପର୍କରେ କହିବା ପାଇଁ ସୁଯୋଗ ସୃଷ୍ଟି କରିବେ ।

## ସୂଚନା

ପାରାବାର – ସମୁଦ୍ର

ତୁଷାର- ଶୁଭ୍ର ମୁକୁଟ-ହିମାଳୟ ପର୍ବତ ଭାରତର ମସ୍ତକରେ ମୁକୁଟ ପରି ଶୋଭା ପାଉଛି । ସବୁବେଳେ ବରଫ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ବର୍ଣ୍ଣ ଶୁଭ୍ର ଅଟେ । ତେଣୁ ଏହାକୁ ତୁଷାର-ଶୁଭ୍ର-ମୁକୁଟ ବୋଲି କୁହାଯାଇଛି ।

ରକ୍ତକମଳ ସମ – ଲାଲ୍ ରଙ୍ଗର ପଦ୍ମ ଫୁଲ ପରି

ଉଦୟ ତପନ ସମ – ଉଦୟ ହେଉଥିବା ସୂର୍ଯ୍ୟ ଭଳି ।

## ଆସ ଜାଣିବା କେତୋଟି ନୂତନ ଶବ୍ଦ

| | | | | |
|---|---|---|---|---|
| ପୁଣ୍ୟ | ଅଭିଯାନ | ଶୁଭ୍ର | ସୁରଭି | କାକଳି |
| ଅନୁପମ | ତିମିର | ପ୍ରାନ୍ତର | ବନ୍ଧୁର | କିଶଳୟ |

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

(କ) ଭାରତମାତାର ବୁକୁରେ କିଏ ବହିଯିବା କଥା କବିତାରେ କୁହାଯାଇଛି ?

(ଖ) ହିମାଳୟକୁ ଭାରତର ମୁକୁଟ ବୋଲି କୁହାଯିବାର କାରଣ କଣ ?

(ଗ) ଆମ ଦେଶର ଶିଶୁମାନେ ମରୁଭୂମିରେ କ'ଣ କରିବେ ବୋଲି କବିତାରେ କୁହାଯାଇଛି ?

(ଘ) କାହା ମୁଖରେ ଭାଷା ଦେବାପାଇଁ ଶିଶୁମାନେ ଆଶା ପ୍ରକାଶ କରିଛନ୍ତି ?

(ଙ) ନୀଳ ମେଘ ବୁକୁରେ ଶିଶୁମାନେ କିପରି ଶୋଭା ପାଇବେ ବୋଲି ବର୍ଣ୍ଣନା କରାଯାଇଛି ?

**୨. ଉତ୍ତର ଲେଖିବା ।**

(କ) ଭାରତ ମାଟିରେ ଜନ୍ମ ହୋଇଥିବା ଶିଶୁ ନିଜକୁ ଧନ୍ୟ ମନେ କରିବାର କାରଣ କ'ଣ ?

(ଖ) ଶିଶୁମାନଙ୍କୁ ରକ୍ତକମଳ ବୋଲି କାହିଁକି କୁହାଯାଇଛି ?

(ଗ) ଏହି ପୃଥିବୀକୁ ଶିଶୁମାନେ କାହିଁକି ଧାଇଁ ଆସିଛନ୍ତି ବୋଲି କବିତାରେ କୁହାଯାଇଛି ?

(ଘ) ଭାରତମାତାର ମାଟି ସହ ଶିଶୁମାନଙ୍କର କିପରି ସମ୍ପର୍କ ରହିଛି ?

(ଙ) କେଉଁ ବିଷୟକୁ କବିତାରେ ଶିଶୁମାନଙ୍କ ଧର୍ମ ବୋଲି ବର୍ଣ୍ଣନା କରାଯାଇଛି ?

**୩. ତଳେ ଦିଆଯାଇଥିବା ପଦଗୁଡ଼ିକୁ ପଢ଼ି ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେବା ।**

(କ) ଏ ଦେଶ ମାଟିରେ ଗଢ଼ା ଆମ ଦେହ – 'ଗଢ଼ା'ର ଅର୍ଥ କ'ଣ ବୁଝୁଛ ଲେଖ ।

..................................................................................

(ଖ) ଏ ଦେହ ମାଟିରେ ମିଶୁ – 'ମିଶୁ' କହିଲେ ଯାହା ବୁଝୁଛ ଲେଖ ।

..................................................................................

(ଗ) ନବ ତରୁ ଶାଖେ ଦୋଳି – ଏହି ପଦଟିରୁ 'ଦୋଳି' ଶବ୍ଦଟି କ'ଣ ବୁଝାଉଛି ପ୍ରକାଶ କର ।

..................................................................................

(ଘ) ଏ ଦେଶ ଉଷାରେ ମଧୁର କାକଳି ଲକ୍ଷ ମନର ଆଶା – 'ଲକ୍ଷ' କହିଲେ ଏଠାରେ କାହାକୁ ବୁଝାଉଛି ଲେଖ ।

..................................................................................

**୪.** **ସରଳ ଭାଷାରେ ବୁଝାଇ ଖାତାରେ ଲେଖିବା ।**

(କ) ବନ୍ଧୁର ପଥେ ଆମ ଅଭିଯାନ ଆମେ ନବ କିଶଳୟ ।

(ଖ) ଆଗାମୀ ଦିନର ନବ ସଂକେତ ମନରେ ଅସୀମ ବଳ ।

(ଗ) ମୂକ ମୁଖେ ଦେବୁ ଭାଷା ।

**୫.** **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସମାନ ଅର୍ଥ ବୁଝାଉଥିବା ଆଉ ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।**

ପାରାବାର – ☐

ତୁଷାର – ☐

ତପନ – ☐

କମଳ – ☐

କାନନ – ☐

**୬.** **ତଳେ ଦିଆଯାଇଥିବା ପଦ୍ୟାଂଶର ଅର୍ଥକୁ ବୁଝାଇ ଲେଖ ।**

(କ) ରକ୍ତ କମଳ ସମ ..........................................................................

(ଖ) ରଙ୍ଗ କୁସୁମ କଳି ..........................................................................

(ଗ) ବନ୍ଧୁର ପଥେ ଆମ ଅଭିଯାନ ..........................................................................

(ଘ) ତିମିରେ ଆଲୋକମୟ ..........................................................................

**୭.** **ତଳେ ଦିଆଯାଇଥିବା ଅର୍ଥ ପ୍ରକାଶ କରିବା ନିମନ୍ତେ କବିତାରେ ଯେଉଁ ଶବ୍ଦ ବ୍ୟବହାର କରାଯାଇଛି, ତାକୁ ବାଛି କୋଠରି ମଧ୍ୟରେ ଲେଖିବା ।**

(କ) ଯାହାର ଉପମା ନାହିଁ ☐

(ଖ) ପକ୍ଷୀର ଗାନ ☐

(ଗ) ସୁନ୍ଦର କଳ୍ପନା ☐

(ଘ) ମୁଣ୍ଡ ଉପରକୁ ଉଠାଇ

(ଙ) ମହତ ଉଦ୍ଦେଶ୍ୟରେ ଯାତ୍ରା

## ତୁମ ପାଇଁ କାମ

୧. ଏହି କବିତାଟି ପଢ଼ିସାରିବା ପରେ ତୁମେ ବଡ଼ ହୋଇ କେଉଁ ଭଲ କାମ କରିବାକୁ ଭାବୁଛ, ତାହା ଜଣାଇ ତୁମ ସାଙ୍ଗ ନିକଟକୁ ଚିଠିଟିଏ ଲେଖ ।

୨. ତୁମ ମନରୁ ଛୋଟ କବିତାଟିଏ ରଚନା କର ।

